# 2nd India-Zimbabwe Foreign Office Consultations

September 29, 2022

## ୨ୟ ଭାରତ-ଜିମ୍ବାୱେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ସେପ୍ଟେମ୍ବର 29, 2022**

ଭାରତ ଏବଂ ଜିମ୍ବାୱେ ମଧ୍ୟରେ ଦ୍ୱିତୀୟ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 29 ସେପ୍ଟେମ୍ବର 2022 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି।  ଏହି ବୈଠକରେ ଯୁଗ୍ମ ସଚିବ (ପୂର୍ବ ଓ ଦକ୍ଷିଣ ଆଫ୍ରିକା) ଶ୍ରୀ ପୁନୀତ ଆର୍ କୁଣ୍ଡଲ ଭାରତ ପକ୍ଷରୁ ନେତୃତ୍ୱ ନେଇଥିବାବେଳେ ଜିମ୍ବାୱେ ପକ୍ଷରୁ ନେତୃତ୍ୱ ନେଇଥିଲେ ଜିମ୍ବାୱେର ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ବାଣିଜ୍ୟ ମନ୍ତ୍ରଣାଳୟ ଅନ୍ତର୍ଗତ ଆନ୍ତର୍ଜାତିକ ବାଣିଜ୍ୟ ଓ ଡ଼ିଆସପୋରା ବିଭାଗର ଅର୍ଥନୈତିକ ସହଯୋଗ ମୁଖ୍ୟ ନିର୍ଦ୍ଦେଶକ ଶ୍ରୀମତୀ ଆର୍ ଏମ୍ ଫାରାନିସି।

2. ବିଚାର ବିମର୍ଷ ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ବିସ୍ତୃତ ସମୀକ୍ଷା କରିଥିଲେ ଏବଂ ଉଭୟ ଦେଶର ଲାଭ ପାଇଁ ଏହି ସମ୍ପର୍କକୁ ଆଗକୁ ବଢାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ସହଭାଗୀତାର ପୂର୍ଣ୍ଣ ସାମର୍ଥ୍ୟକୁ ଉପଯୋଗ କରିବାକୁ ଉଭୟ ପକ୍ଷ ଦ୍ୱିପାକ୍ଷିକ ରାଜନୈତିକ ଆଦାନ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।  ଉଭୟ ପକ୍ଷର ପ୍ରତିନିଧି ଦଳ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ବିକାଶ ସହଭାଗୀତା, ପ୍ରତିରକ୍ଷା, କନସୁଲାର ପ୍ରସଙ୍ଗ, କୃଷି, ସ୍ୱାସ୍ଥ୍ୟ ଏବଂ ରେଳବାଇ ସମେତ ଅନେକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଆଲୋଚନା କରିଥିଲେ।

3. ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ ହୋଇଥିଲା।

4. ଭାଗିଦାରୀକୁ ସକ୍ରିୟ ଓ ପାରସ୍ପରିକ ଲାଭଦାୟକ କରିବା ପାଇଁ ଉଭୟ ପକ୍ଷ ଉଚ୍ଚସ୍ତରୀୟ ରାଜନୈତିକ ଆଦାନ ପ୍ରଦାନ ଏବଂ ମିଳିତ ଆନୁଷ୍ଠାନିକ ମେକାନିଜିମର ନିୟମିତ ବୈଠକ ଜାରି ରଖିବାକୁ ସହମତ ହୋଇଥିଲେ।

5. ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନ୍ତରିକ ପରିବେଶରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷକୁ ହରାରେଠାରେ ପାରସ୍ପରିକ ସୁବିଧାଜନକ ତାରିଖରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 29, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.